# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 August – 2025**

---

## ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ

ଭୁବନେଶ୍ୱରଠାରେ ଆଜିଠାରୁ ଦୁଇଦିନିଆ ଅନୁସୂଚିତ ଜାତି ଏବଂ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀ ଆରମ୍ଭ ହେଉଛି। ପ୍ରଥମଥର ପାଇଁ ଏହି ସମ୍ମିଳନୀ ଦିଲ୍ଲୀ ବାହାରେ ଆୟୋଜିତ ହେବ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଶ୍ରୀ ବିର୍ଲା ଏହି ଅବସରରେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରିବେ।

ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ଦୀର୍ଘବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ପ୍ରଥମଥର ପାଇଁ ଏହିଜାତୀୟ ସମ୍ମିଳନୀର ଆୟୋଜନ କରାଯାଇଛି ।

ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ସମେତ ୧୨୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ। 'ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ, ବିକାଶ ଓ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା ସମିତିଗୁଡ଼ିକର ଭୂମିକା' ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ।

---

## ପୁନର୍ବାସ କେନ୍ଦ୍ର ଉଦ୍‌ଘାଟନ

ସମ୍ବଲପୁର ବାଲିଆବନ୍ଧାଠାରେ ଏକ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ର ମାଧ୍ୟମରେ ସମ୍ବଲପୁର ସମେତ ଆଖପାଖ

ଅଞ୍ଚଳର ଦିବ୍ୟାଙ୍ଗଜନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଦିବ୍ୟାଙ୍ଗଜନଙ୍କ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆବଶ୍ୟକତାକୁ ଏହା ପୂରଣ କରିପାରିବ । ଦିବ୍ୟାଙ୍ଗଜନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

**V/O**

---

# ଜାତୀୟ କ୍ରୀଡ଼ା ଦିବସ

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି । ମେଜର ଧ୍ୟାନଚାନ୍ଦଙ୍କ ଅଧିନାୟକତ୍ୱରେ ୩ ଥର ଲଗାତାର ଭାବେ ଭାରତ ୧୯୨୮, ୧୯୩୨ ଏବଂ ୧୯୩୬ ମସିହାରେ ହକିରେ ଅଲିମ୍ପିକ୍ସ ପଦକ ଜିତିଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସ ପାଳନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନଠାରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯିବ । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

## ମହାନଦୀ ଜଳ ବିବାଦ ବୈଠକ

ମହାନଦୀ ଜଳବିବାଦ ପ୍ରସଙ୍ଗ ନେଇ ଛତିଶଗଡ଼ର ରାଜଧାନୀ ରାୟପୁରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଳ ମାନବ ଡକ୍ଟର ରାଜେନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ଏବଂ ଛତିଶଗଡ଼ର ପ୍ରତିନିଧିମଣ୍ଡଳୀ ମତ ବିନିମୟ କରିଛନ୍ତି । ମହାନଦୀ ଜଳବିବାଦର ଆପୋଷ ସମାଧାନ ପାଇଁ ଏହି ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ଆସନ୍ତାମାସ ଶେଷ ସପ୍ତାହରେ ଦିଲ୍ଲୀରେ ମହାନଦୀ ସଂସଦ ଅନୁଷ୍ଠିତ ହେବ । ଉଭୟ ରାଜ୍ୟର ନଦୀ ବିଶେଷଜ୍ଞଙ୍କ ସମେତ ସଂସଦ ସଦସ୍ୟମାନଙ୍କୁ ଏଥିରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯିବା ନେଇ ବୈଠକରୁ ସୂଚନା ମିଳିଛି ।

## ଆଇଏଫ୍ଏସ୍ ଅଧିକାରୀ

ଭାରତୀୟ ବିଦେଶ ସେବା-ଆଇଏଫ୍ଏସ୍ର ବରିଷ୍ଠ ଅଧିକାରୀ ଦୀନେଶ ପଟ୍ଟନାୟକଙ୍କୁ କେନ୍ଦ୍ର ସରକାର କାନାଡାର ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରିଛନ୍ତି । ଓଡ଼ିଆ ଆଇଏଫ୍ଏସ୍ ଅଧିକାରୀ ଶ୍ରୀ ପଟ୍ଟନାୟକ ବର୍ତ୍ତମାନ ସ୍ପେନ୍ରେ ଭାରତୀୟ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଛନ୍ତି । ପୂର୍ବରୁ ସେ ବ୍ରିଟେନ୍, ରୁଷ, ମ୍ୟାଁମାରସ୍ଥିତ ଭାରତୀୟ ଦୂତାବାସରେ କାର୍ଯ୍ୟ କରିଥିବା ବେଳେ ଜାତିସଂଘରେ ମଧ୍ୟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି ।

## ଗୋଟିପୁଅ ନୃତ୍ୟ ମହୋତ୍ସବ

ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ

ଲୋକକଳା ସଂଘର ମିଳିତ ସହଯୋଗରେ ଆୟୋଜିତ ହେଉଥିବା ଏହି ମହୋତ୍ସବ ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବ । ଭୁବନେଶ୍ୱରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ୨୦ଟି ନୃତ୍ୟ ଦଳ ଅଂଶ ଗ୍ରହଣ କରିବେ । ମହୋତ୍ସବ ଅବସରରେ ଗୋଟିପୁଅ ନୃତ୍ୟ, ବିକାଶ, ପରିବେଷଣ ଆଦି ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନାଚକ୍ରମାନ ଆୟୋଜିତ ହେବ ।

## କୁକୁର ଗଣନା

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆସନ୍ତାମାସ ଦ୍ୱିତୀୟ ସପ୍ତାହରୁ ବୁଲାକୁକୁର ଗଣନା କରାଯିବ । ବିଏମ୍‌ସି କମିଶନର ଚଞ୍ଚଳ ରାଣା ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଭୋର୍ ସମୟରେ ଗଣନା କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ସ୍ୱଚ୍ଛ ସାଥୀ ସଫେଇ କର୍ମଚାରୀଙ୍କ ସହ ମହାନଗର ନିଗମ କର୍ମଚାରୀମାନେ କୁକୁର ଗଣନା କାର୍ଯ୍ୟରେ ସାମିଲ ହେବେ ବୋଲି ସେ କହିଛନ୍ତି ।

## ନୂଆଖାଇ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାମୂହିକ ନୂଆଖାଇ ତିହାର ଏବଂ ଭେଟଘାଟ ଉତ୍ସବ ପାଳିତ ହୋଇଯାଇଛି । ବିଧାୟକ ଅଧିରାଜ ପାଣିଗ୍ରାହୀ ଏଥିରେ ଯୋଗଦେଇ ରାଜ୍ୟର ମହନୀୟ ସଂସ୍କୃତି ଏବଂ ପରମ୍ପରା ତଥା ଗଣପର୍ବ ନୂଆଖାଇ ପର୍ବ ପାଳନ ଉପରେ ଆଲୋକପାତ କରିଥିଲେ ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଉପକୂଳରେ ଆଉ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ସୋମବାରଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆଜିଠାରୁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇବ । ଉତ୍ତର ଏବଂ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି ।